# ଗ୍ରାମୀଣ କୃଷି ମୌଷମ ସେବା
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା
## ଓଡିଶା କୃଷି ଓ ବୈଷୟିକ  ବିଶ୍ୱବିଦ୍ୟାଳୟ

ପ୍ରଫେସର ଅଶୋକ କୁମାର ମହାନ୍ତି
ନୋଡାଲ ଅଫିସର

ସପ୍ତାହ - ୨୩

ସଂଖ୍ୟା – ୮୬(ଓଡିଆ .ବୁଲେଟିନ)
ତାରିଖ: ୦୭.୦୬.୨୦୧୯

## ସମ୍ବଲପୁର

ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଶନିବାର ଓ ରବିବାର ବ୍ୟତୀତ ଅନ୍ୟଞ୍ଚ ଦିନ ମାନଙ୍କରେ  ବର୍ଷା ହେବାର ସମ୍ଭାବନା ନାହିଁ। ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୯-୪୧ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୨୭ ଡିଗ୍ରୀ ସେଣ୍ଟିଗ୍ରେଡ ରହିବାର ସମ୍ଭାବନା ଅଛି। ଆସନ୍ତା ପାଞ୍ଚ ଦିନ ରେ ଆକାଶ ପ୍ରାୟତଃ ମେଘାଛନ୍ନ ରହିବ ।  ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୫୭% ରୁ ୭୧% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୨% ରୁ ୨୭ % ରହିବାର ସମ୍ଭାବନା ରହିଅଛି।  ଶନିବାର ରୁ ବୁଧବାର ପର୍ଯ୍ୟନ୍ତ ପବନର ହାରାହାରି ବେଗ ୫ ରୁ ୮ କି.ମି. ପ୍ରତି ଘଣ୍ଟାରେ ବହିବାର ସମ୍ଭାବନା ଅଛି।

| ତାରିଖ | ୦୮.୦୬.୨୦୧୯ | ୦୯.୦୬.୨୦୧୯ | ୧୦.୦୬.୨୦୧୯ | ୧୧.୦୬.୨୦୧୯ | ୧୨.୦୬.୨୦୧୯ |
|---|---|---|---|---|---|
| **ବୃଷ୍ଟିପାତ (ମିଲି ମିଟର)** | ୪ | ୪ | ୦ | ୦ | ୦ |
| **ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ)** | ୩୯ | ୩୯ | ୩୯ | ୪୦ | ୪୧ |
| **ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ)** | ୨୭ | ୨୭ | ୨୭ | ୨୭ | ୨୭ |
| **ସମ୍ପୂର୍ଣ ମେଘ ଆବରଣ(ଓକଟା)** | ୮ | ୮ | ୭ | ୫ | ୫ |
| **ସର୍ବାଧିକ ଆପେକ୍ଷିକ  ଆଦ୍ରତା (ଶତକଡା %)** | ୭୧ | ୬୭ | ୬୨ | ୬୩ | ୫୭ |
| **ସର୍ବନିମ୍ନ ଆପେକ୍ଷିକ  ଆଦ୍ରତା (ଶତକଡା %)** | ୨୫ | ୨୭ | ୧୬ | ୧୩ | ୧୨ |
| **ପବନ ବେଗ (କିମି/ଘଣ୍ଟା ପ୍ରତି)** | ୬ | ୫ | ୬ | ୮ | ୮ |
| **ପବନ ଦିଗ (ଡିଗ୍ରୀ)** | ୧୧୦ | ୧୧୮ | ୧୫୦ | ୧୩୩ | ୧୬୫ |

**ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନେ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ**

### କୃଷି ଉପଦେଶ

### ବଢୁଥିବା ତାପମାତ୍ରା କୁ ପାଇଁ ଆପଦକାଳିନ ସୂଚନା

୧। ଚାଷ ଜମିରେ ନିୟମିତ ଭାବେ ପାଣି ମଡାନ୍ତୁ।

୨। ଗୃହ ପାଳିତ ପଶୁଙ୍କୁ ସଫା ପାଣି ଦବା ପାଇଁ ବ୍ୟବସ୍ଥା କରନ୍ତୁ। ଏବଂ କୁକୁଡା ଜାଲିକୁ ଘୋଡେଇ ରଖନ୍ତୁ।

୩। ଚାଷ ଜମି ରେ ଜଳ ସଂଗ୍ରହ କରି ରଖିବା ପାଇଁ ଘାସ ମଲ୍ଚ ଦିଅନ୍ତୁ।

୪। ଅନାବନା ଘାସ ଜମିରୁ ବାଛି ଜମି ସଫା ରଖନ୍ତୁ।

### ଧାନ

୧। ଯଦି ଧାନ ରେ ଥୋଡ ଆସିଗଲାଣି, ତେବେ ଥୋଡ ସାର ପ୍ରୟୋଗ କରନ୍ତୁ ଯାହାକି (87 କେଜି ୟୁରିଆ /ହା)।

୨। ତାପମାତ୍ରା ବଢିବ ଯୋଗୁ କାଣ୍ଡ ବିନ୍ଧା ପୋକ ହବାର ସମ୍ଭାବନା ରହୁଛି ଯାହାର ଦମନ ପାଇଁ ପ୍ରତି ଲି. ପାଣିରେ ୦.୩ ଏମ.ଏଲ. Rynaxypyr ୨୦ SC କିମ୍ବା ୧.୨୫ ଗ୍ରାମ କାରଟାପ ହାଇଡ୍ରୋକ୍ଲୋରଇଡ ୫୦ ଏସପି କିମ୍ବା ୧.୫ ଗ୍ରାମଆସିଫେଟ ୭୫ ଏସପି ବ୍ୟବହାର କରନ୍ତୁ।

୩। ମହିଷା ରୋଗ ଦେଖା ଦେଲେ, ପ୍ରତି ଲି. ପାଣିରେ 1.6ଗ୍ରାମ ଟ୍ରାଇସାଇକ୍ଲାଜୋଲେ 75 ଡ୍ଡ।ପି ମିଶାଇ ବ୍ୟବହାର କରନ୍ତୁ।

## ପନିପରିବା

### ୧। କଳରା

କଳରା କିସମ ଯେମିତି ପୁସା ଦୋମୌସମୀ, କୋଇମ୍ବାଟୋର ଲୋଙ୍ଗ, ପ୍ରିୟା, ଅର୍କ ହରିତଇତ୍ୟାଦି ଏହି ସମୟରେ ଲଗେଇପାରିବେ। ଏକର ପାଇଁ ୧.୫ କିଲୋଗ୍ରାମ ମଞ୍ଜି ବ୍ୟବହାର କରନ୍ତୁ। ଜମି ପ୍ରସ୍ତୁତି ପାଇଁ ୫ ଟନ ଶଢା ଗୋବର ଖତ ଏବଂ ୧୦୦ କେ.ଜି. ଆମୋନିଅମ ସଲ୍ଫେଟ, ୭୫ କେ.ଜି. ସିଂଗଲ ସୁପର ଫୋସ୍ଫେଟ ଓ ୩୫ କେ.ଜି. ମ୍ୟୁରେଟ ଓଫ ପଟାଶ ସାରା ପକାନ୍ତୁ।

### ୨। ଜହ୍ନି

ଜହ୍ନି କିସମ ଯେମିତି ପୁସା ନାସଦାର, ଉତ୍କଳ ମଞ୍ଜୁଶ୍ରି, ଉତ୍କଳ ତ୍ରୁପ୍ତି, ସ୍ୱର୍ଣ ମଞ୍ଜରି ଇତ୍ୟାଦି ଏହି ସମୟରେ ଲଗେଇପାରିବେ। ଏକର ପାଇଁ ୧.୫ ରୁ ୨ କିଲୋଗ୍ରାମ ମଞ୍ଜି ବ୍ୟବହାର କରନ୍ତୁ। ଜମିକୁ ୩-୪ ଥର ଭଲଭାବେ ଚାଷ କରି ମାନ୍ଦା ଖ୍ଲାନ୍ତୁ । ଗୋଟେ ମନ୍ଦ ରୁ ଆଉଗୋଟେ ମନ୍ଦାର ଦୂରତା ୫ ଫୁଟ ହବ ଆବଶ୍ୟକ। ଜମି ପ୍ରସ୍ତୁତି ପାଇଁ ୫ ଟନ ଶଢା ଗୋବର ଖତ ଏବଂ ୧୦୦ କେ.ଜି. ଆମୋନିଅମ ସଲ୍ଫେଟ, ୭୫ କେ.ଜି. ସିଂଗଲ ସୁପର ଫୋସ୍ଫେଟ ଓ ୫୦ କେ.ଜି. ମ୍ୟୁରେଟ ଓଫ ପଟାଶ ସାର ପକାନ୍ତୁ।

### ୩। କାକୁଡି

କାକୁଡି କିସମ ଯେମିତି ଡାଇନ, ପୋଇନସେଟ, ସୁପ୍ରିୟା, ପୁଷ ସଂଯୋଗ, ଇତ୍ୟାଦି ଏହି ସମୟରେ ଲଗେଇପାରିବେ। ଏକର ପାଇଁ ୧ ରୁ ୧.୫ କିଲୋଗ୍ରାମ ମଞ୍ଜି ବ୍ୟବହାର କରନ୍ତୁ। ଜମିକୁ ୩-୪ ଥର ଭଲଭାବେ ଚାଷ କରି ମାନ୍ଦା ଖ୍ଲାନ୍ତୁ । ଗୋଟେ ମନ୍ଦ ରୁ ଆଉଗୋଟେ ମନ୍ଦାର ଦୂରତା ୪ ଫୁଟ ହବ ଆବଶ୍ୟକ। ଜମି ପ୍ରସ୍ତୁତି ପାଇଁ ୫ ଟନ ଶଢା ଗୋବର ଖତ ଏବଂ ୧୦୦ କେ.ଜି. ଆମୋନିଅମ ସଲ୍ଫେଟ, ୭୫ କେ.ଜି. ସିଂଗଲ ସୁପର ଫୋସ୍ଫେଟ ଓ ୫୦ କେ.ଜି. ମ୍ୟୁରେଟ ଓଫ ପଟାଶ ସାର ପକାନ୍ତୁ।

### ୪। ପିଆଜ

ପିୟାଜରେ ପିଆଜ ପତ୍ର ଅଗ ପୋଡା ରୋଗ କୁ ନିୟନ୍ତ୍ରଣ କରିବା ପାଇଁ ଏକର ପିଛା ହେକ୍ସାକୋନାଜୋଲ ୪୦୦ମି.ଲି. କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

### ୫। ବାଇଗଣ

ବାଇଗଣ ଫସଲରେ ଫଳ ପଚା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ କର୍ବେଣ୍ଡାଜିମ ୧୨% + ମାଙ୍କୋଜେବ ୬୩% ଡବ୍ଲୁ .ପି. କୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ବାଇଗଣରେ ଝାଉଂଳା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ + ୩ ଗ୍ରାମ କପର ଅକସିକ୍ଲୋରାଇଡ ମିଶାଇ ଏକର ପ୍ରତି ୨୦୦ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତି କରି ଗଛର ମୂଳକୁ ସିଞ୍ଚନ କରନ୍ତୁ ।

**୬। ଟମାଟୋ**

ଟମାଟରରେ ଫଳବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ଏକର ପିଛା ୮୦ ଏମ.ଏଲ. ସ୍ପାଇନୋସାଡ଼ ୧୪.୫ ଏସ.ସି. ୨୦୦ଲି. ପାଣିରେ ମିଶାଇ ସିଂଚନ କରନ୍ତୁ।

**୭। କଖାରୁ**

କଖାରୁ ବୀଟିଲ ଏବେ କଖାରୁ କୁ ଆକ୍ରମଣ କରିବାର ସମ୍ଭାବନା ଅଛି। ତେବେ ତାକୁ ଦମନ କରିବା ପାଇଁ ଏକର ପିଛା ୦.୪ କେ.ଜି. କାରବାରିଲ କିମ୍ବା ୨ କେ.ଜି. ମାଲାଥୀଅନ ବ୍ୟବହାର କରନ୍ତୁ ଏବଂ ଆକ୍ରାନ୍ତ ଗଛ କୁ ଉପାଡି ପକାନ୍ତୁ।

**୮। ଅଦା**

ଅଦା କିସମ ଯେମିତି ସୁପ୍ରଭା, ସୁରଭି ଇତ୍ୟାଦି ଲଗେଇବା ପାଇଁ ଏକର କୁ ୬ ରୁ ୮ କୁଇଣ୍ଟାଲ ଲଗାନ୍ତୁ।

**ମାଛ ଚାଷ**

୧। ବାଯୁମଣ୍ଡଳ ରେ ଉତ୍ତାପ ବୃଦ୍ଧି ପାଇବା ଯୋଗୁଁ, ମାଛ ପୋଖରୀରେ ସର୍ବଦା ୫ ଫୁଟ ଗଭୀର ପାଣି ରଖନ୍ତୁ।
୨। ପୋଖରୀ ପାଣିର ଉତ୍ତାପ କମେଇବାକୁ, ପୋଖରୀ ପାଣିକୁ ସିଂଚନ ପଦ୍ଧତି ଅବଲମ୍ବନ କରନ୍ତୁ।
୩। ବିକ୍ରୀ ଯୋଗ୍ୟ ମାଛକୁ ପୋଖରୀରୁ ଧରି ଦିଅନ୍ତୁ।

**<u>ଖରିଫ ଚାଷ ପାଇଁ ଯୋଜନା ଓ ପ୍ରସ୍ତୁତି ପରାମର୍ଶ</u>**

- ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ଜଳସେଚନର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ବୃଷ୍ଟିପୁଷ୍ଟ ଢିପ ଜମିମାନଙ୍କରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକାରୀ ଫସଲ ଯଥା :ଡାଲି ଫସଲ , ତୈଳବୀଜ ଫସଲ, ପନିପରିବା ଆଦି ଏକକ ଫସଲ ଭାବେ ଅଥବା ମିଶ୍ରିତ ଫସଲ ଭାବେ ଚାଷ କରନ୍ତୁ।
- ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ ଓ ପ୍ରତି ୩ ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ । ଉନ୍ନତ ମାନର ବିହନ ବ୍ୟବହାର ଦ୍ୱାରା ଅମଳ ଶତକଡା ୧୫ ଭାଗ ବୃଦ୍ଧି ହୋଇପାରିବ । ବିହନର ଗଜା ପରୀକ୍ଷା କରାଇ ନିଅନ୍ତୁ । ବିହନ ସର୍ବଦା ସ୍ୱୀକୃତିପ୍ରାପ୍ତ ସଂସ୍ଥାମାନଙ୍କଠାରୁ କ୍ରୟ କରନ୍ତୁ ।
- ଫସଲ ବୁଣିବା ପୂର୍ବରୁ ମାଟି ପରୀକ୍ଷା କରାଇ ନିଅନ୍ତୁ । ମାଟି ପରୀକ୍ଷା ଅନୁସାରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ।
- ଜମିରେ ଯଦି ପାଗ ଥାଏ , ତେବେ ଏବେ ଠାରୁ ଖରାଟିଆ ହଳ କରି ଦିଅନ୍ତୁ । ଏହା ଦ୍ୱାରା ମାଟିରେ ଅପକାରୀ ଅନୁଜୀବ, କୀଟ ଗୁଡିକର ଅଣ୍ଡା ଏବଂ କୋଷା ତଥା ସୂତ୍ର କୃମି ଗୁଡିକ ନଷ୍ଟ ହୋଇଯାନ୍ତି । ଯାହା ଫଳରେ ଆଗାମୀ ଋତୁରେ ରୋଗ ଏବଂ ପୋକ ପ୍ରାଦୁର୍ଭାବରୁ ଫସଲକୁ ଅନେକାଂଶରେ ରକ୍ଷା କରି ହୁଏ । ଖରାଟିଆ ଚାଷ ପାଇଁ ମୋଡ ପତ୍ର ଲଙ୍ଗଳ ବ୍ୟବହାର କରନ୍ତୁ । ଏହା ଫଳରେ ଗଭୀର ଚାଷ ହୋଇପାରିବ ।
- ଖାଲ ଜମିରେ ଅଧିକ ଘାସ ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ ।

**ନୋଡାଲ ଅଫିସର**